ମୁଖ୍ୟ ଖବର

About Us | Feedback | Guestbook | Contact Us

Thursday,01 Dec 2005

Search

ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments
- Entertainment
- Subscriptions
- Advertisements

## ନବୀନ ନୀରବ; ଶେଷରେ ସାଂସଦ ମୁହଁ ଖୋଲିଲେ

ଓଡ଼ିଶାରୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଉଠିବା ପ୍ରସଙ୍ଗ -- ନୂଆଦିଲ୍ଲୀ (ନି.ପ୍ର)- ଭୁବନେଶ୍ୱରରୁ ଜାତୀୟ ବିଜ୍ଞାନ ସଂସ୍ଥାନକୁ କୋଲକାତାକୁ ସ୍ଥାନାନ୍ତର କରାଯିବା ନିଷ୍ପତ୍ତି ଉପରେ ବିରୋଧୀ ଦଳର ସାଂସଦମାନେ ଆଜି ଲୋକସଭାରେ ତୁମୁଳକାଣ୍ଡ ସୃଷ୍ଟି କରିବା ସଂଗେ ସଂଗେ ଗୃହ ମଧ୍ୟରେ ଧାରଣା ଦେଇଥିବା ଦେଖାଯାଇଥିଲା । ପ୍ରବଳ ହଟ୍ଟଗୋଳ ଓ ତୁମ୍ବିତୋଫାନ ଯୋଗୁ ବାଚସ୍ପତି ସୋମନାଥ ଚାଟାର୍ଜୀ ଭୋଜନ ସମୟର ୧୦ ମିନିଟ୍ ପୂର୍ବରୁ ଗୃହର କାର୍ଯ୍ୟାବଳୀକୁ ମୁଲତବୀ କରିବାକୁ ବାଧ୍ୟ ହୋଇଥିଲେ । ରାଜ୍ୟର ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟିର ସଦସ୍ୟମାନେ ଏହି ସମସ୍ୟା ନେଇ ପ୍ରଥମଥର ପାଇଁ ଏଭଳି କ୍ଷୁବ୍ଧ ଓ ଭାବପ୍ରବଣ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ସେମାନେ କେନ୍ଦ୍ର ସରକରଙ୍କ ବିରୋଧରେ ବିଷୋଦ୍‌ଗାର କରିବା ସଂଗେ ସଂଗେ ପାଟିତୁଣ୍ଡ କରି ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ହୁଲସ୍ଥୁଲ କରିବା ସଂଗେ ସଂଗେ କାର୍ଯ୍ୟାବଳୀ ଚାଲିବାକୁ ଦେଇନଥିଲେ । ସରକାରଙ୍କ ପକ୍ଷରୁ ଗୃହର ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ପ୍ରଣବ ମୁଖାର୍ଜୀ ଏ ସମ୍ପର୍କରେ ସବିଶଷ ତଥ୍ୟ ସଂଗ୍ରହ କରି ଗୃହରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ମଧ୍ୟ ଅବସ୍ଥା ଶାନ୍ତ ପଡ଼ିନଥିବା ଲକ୍ଷ୍ୟ କରାଯାଇଥିଲା । ଆଜି ଶୂନ୍ୟକାଳ ସମୟରେ ବିଜେଡ଼ିର ଲୋକସଭା ନେତା ବ୍ରଜକିଶୋର ତ୍ରିପାଠୀ ଏ ପ୍ରସଙ୍ଗ ଉତ୍ଥାପନ କରି ବିଗତ ଏନ୍‌ଡ଼ିଏ ସରକାରଙ୍କ ଅମଳରେ ଏହି ସଂସ୍ଥାନ ଭୁବନେଶ୍ୱରଠାରେ ସ୍ଥାପନ କରାଯିବାର ନିଷ୍ପତି ନିଆଯାଇଥିଲା ବୋଲି କହିଥିଲେ; କିନ୍ତୁ ବର୍ତ୍ତମାନର ୟୁପିଏ ସରକାର ଶାସନକୁ ଆସିବା ପରେ ଏହାକୁ କୋଲକାତାକୁ ଉଠାଇ ନିଆଯାଇଛି । ଏହି ନିଷ୍ପତ୍ତି ରାଜନୈତିକ ଅଭିସନ୍ଧିମୂଳକ ବୋଲି ଶ୍ରୀ ତ୍ରିପାଠୀ ଦର୍ଶାଇଥିଲେ । ଏ ନେଇ ଓଡ଼ିଶାର ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାପକ ବିରୋଧ ଓ ଅସନ୍ତୋଷ ପ୍ରକାଶ ପାଇଥିବା ସେ ଗୃହକୁ ଜଣାଇଥିଲେ । ଏହା ପ୍ରଥମଥର ପାଇଁ ନୁହେଁ, ଆଗରୁ ମଧ୍ୟ ବାରମ୍ବାର ଓଡ଼ିଶା କେନ୍ଦ୍ରସରକାରଙ୍କ ନିକଟରୁ ଅବହେଳା ଓ ହତାଦରର ଶିକାର ହୋଇଆସିଛି । ରାଜ୍ୟରେ ଆଇଆଇଟି ବା ଆଇଆଇଏମ୍ ଭଳି କୌଣସି କେନ୍ଦ୍ରୀୟ ସଂସ୍ଥାନ ନାହିଁ । ଆମେ କ'ଣ ଭାରତବର୍ଷରେ ନାହୁଁ କି ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଥିଲେ । ସମଗ୍ର ଦେଶ ମଧ୍ୟରେ ଓଡ଼ିଶା ସବାଶେଷରେ ପରାଧୀନ ହେଲା । ଏହା କ'ଣ ଆମର ଭୁଲ ? ରାଜ୍ୟରେ ଅଚଳାଚଳ ଖଣିଜ ଓ ପ୍ରାକୃତିକ ସମ୍ପଦ ମହଜୁଦ ରହିଥିବା ସାଙ୍ଗକୁ ଜାତୀୟ ତହବିଲକୁ ଓଡ଼ିଶାର ଅବଦାନ କୌଣସି ପ୍ରକାର ଗୌଣ ନହୋଇଥିବାବେଳେ ରାଜ୍ୟ ପ୍ରତି କ୍ରମାଗତଭାବରେ ଏଭଳି ଅପ ବ୍ୟବହାର ଓ ଅବମାନନା କରାଯାଇ ଚାଲିଥିବା ଶ୍ରୀ ତ୍ରିପାଠୀ ଦର୍ଶାଇଥିଲେ । ନିକଟରେ ରାଜ୍ୟର ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଏକ ପ୍ୟାକେଜ ପାଇଁ ଦାବି ଉପସ୍ଥାପନ କରିଥିବାବେଳେ ପ୍ରଧାନମନ୍ତ୍ରୀ ଟଙ୍କା ଗଛରେ ଫଳେନି ବୋଲି କହିଥିଲେ । ଏହି ସଂସ୍ଥାନର ସ୍ଥାନାନ୍ତରୀକରଣ ବିରୋଧରେ ରାଜ୍ୟର ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ତିନିତିନିଟି ପତ୍ର ପଠାଇସାରିଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଶ୍ରୀ ତ୍ରିପାଠୀ ଉଲ୍ଲେଖ କରିଥିଲେ । ତୁରନ୍ତ କେନ୍ଦ୍ର ସରକାର ଏଭଳି ଓଡ଼ିଶା ବିରୋଧୀ ନିଷ୍ପତ୍ତି ରଦ୍ଦ କରନ୍ତୁ ବୋଲି ଶ୍ରୀ ତ୍ରିପାଠୀ ଦାବି ଉପସ୍ଥାପନ କରିଥିଲେ । ଶ୍ରୀ ତ୍ରିପାଠୀଙ୍କର ଦାବିକୁ ଗୃହରେ ଉପସ୍ଥିତ ଥିବା ବିଜେଡ଼ି ଓ ବିଜେପିର ସମସ୍ତ ସଦସ୍ୟ ନିଜ ନିଜ ଆସନରେ ଛିଡ଼ାହୋଇ ଦୃଢ଼ ଭାବରେ ସମର୍ଥନ କରୁଥିବା ଓ ଏ ନେଇ କେନ୍ଦ୍ର ସରକାରଙ୍କର ସ୍ପଷ୍ଟୀକରଣ ମାଗୁଥିବା ଦେଖାଯାଇଥିଲା । ବିଶେଷକରି ଅର୍ଜୁନଚରଣ ସେଠୀ, ଖାରବେଳ ସ୍ୱାଇଁ, ତଥାଗତ ଶତପଥୀ, ଧର୍ମେନ୍ଦ୍ର ପ୍ରଧାନ ଓ ଅର୍ଚ୍ଚନା ନାୟକ ପ୍ରମୁଖ ଖୁବ୍ ଜୋରରେ ଉଚ୍ଚ ସ୍ୱରରେ ଦାବି କରୁଥିବା ଲକ୍ଷ୍ୟ କରାଯାଇଥିଲା । ଏକ ସମୟରେ ଏହି ସାଂସଦମାନେ ଗୃହର ମଧ୍ୟସ୍ଥଳକୁ ଯାଇ ସେଠାରେ ଟ୍ରେଜୁରୀ ବେଞ୍ଚ୍‌କୁ ଆଖିଦେଖାଇ ପାଟିତୁଣ୍ଡ କରି ଧାରଣାରେ ବସିଥିବା ଦେଖାଯାଇଥିଲା । ଏହି ଧାରଣା ପ୍ରାୟ ୭ ମିନିଟ ଧରି ଚାଲିଥିଲା । ଏହି ସମୟରେ ବାଚସ୍ପତି







ସୋମନାଥ ଚାଟାର୍ଜୀ ସେମାନଙ୍କୁ ନିଜ ନିଜ ଆସନକୁ ଚାଲିଯିବାକୁ କହି ସେମାନେ ନିଜ କଥା ଉଠାନ୍ତୁ; କିନ୍ତୁ ଜାତୀୟ ସଂହତି ବାଧାପ୍ରାପ୍ତ ହେବା ଭଳି କିଛି କଥା ନକୁହନ୍ତୁ ବୋଲି ପରାମର୍ଶ ଦେଇଥିଲେ । ପଶ୍ଚିମବଙ୍ଗର ସାଂସଦ ତଥା ସିପିଆଇଏମ୍ ନେତା ବାସୁଦେବ ଆଚାର୍ଯ୍ୟ ମାମଲାରେ ହସ୍ତକ୍ଷେପ କରି ପଶ୍ଚିମବଙ୍ଗର, ଓଡ଼ିଶା ସହିତ ବେଶ୍ ଭଲ ସମ୍ପର୍କ ରହିଥିବା ଦର୍ଶାଇଥିଲେ । ପଶ୍ଚିମବଙ୍ଗ ଓଡ଼ିଶାର ଉନ୍ନୟନ ଓ ପ୍ରଗତିର ଆଦୌ ବିରୋଧୀ ନୁହେଁ । ଏହି ସଂସ୍ଥାନଟିକୁ ଭୁବନେଶ୍ୱରରୁ କୋଲକାତା ଉଠାଇ ନିଆଯାଇଛି ବୋଲି କହିବା ଠିକ୍ ନୁହେଁ ବୋଲି ଶ୍ରୀ ଆଚାର୍ଯ୍ୟ ସଫେଇ ଦେଇଥିଲେ । ତେବେ ଓଡ଼ିଶାରେ ଏହିଭଳି ଆଉ ଏକ ଜାତୀୟ ବିଜ୍ଞାନ ସଂସ୍ଥାନ ପ୍ରତିଷ୍ଠା କରାଯିବା ଉଚିତ ବୋଲି ଶ୍ରୀ ଆଚାର୍ଯ୍ୟ ମତପ୍ରକାଶ କରିଥିଲେ । ରାଜ୍ୟର ସାଂସଦମାନେ ଗୃହର ମଧ୍ୟସ୍ଥଳରେ ଧାରଣାରୁ ଉଠି ସେମାନଙ୍କର ଆସନକୁ ଆସିବା ପରେ ବାଚସ୍ପତି ଶ୍ରୀ ଚାଟାର୍ଜୀ ଏ ସଂକ୍ରାନ୍ତରେ ଗୃହର ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କୁ ଉତ୍ତର ଦେବାକୁ କହିଥିଲେ । ଶ୍ରୀ ମୁଖାର୍ଜୀ ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ସଂଗ୍ରହ କରି ଗୃହକୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ମାମଲାକୁ ହଠାତ୍ ଗୃହରେ ଉଠାଯାଇଥିବାରୁ ସେ ନେଇ ପ୍ରସ୍ତୁତିକରି ଆସିନଥିବା ଶ୍ରୀ ମୁଖାର୍ଜୀ ପ୍ରକାଶ କରିଥିଲେ । ଏ ସଂକ୍ରାନ୍ତରେ ଆଗରୁ ବିଧିବଦ୍ଧ ନୋଟିସ ଦିଆଯାଇଥିଲେ ସେ ମାମଲା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଥାଆନ୍ତେ ବୋଲି ମନ୍ତ୍ରୀ ସୂଚାଇଥିଲେ । ଶ୍ରୀ ମୁଖାର୍ଜୀଙ୍କର ଉତ୍ତରରେ ରାଜ୍ୟର ସାଂସଦମାନେ ସନ୍ତୁଷ୍ଟ ନହୋଇ ପୁଣି ପାଟିତୁଣ୍ଡ କରିବାକୁ ଆରମ୍ଭ କରିବାରୁ ବାଚସ୍ପତି ଶ୍ରୀ ଚାଟାର୍ଜୀ ଭୋଜନ ବିରତିର ୧୦ ମିନିଟ୍ ପୂର୍ବରୁ ଗୃହକୁ ମୁଲତବୀ ଘୋଷଣା କରି ନିଜ ଆସନରୁ ଉଠି ଚାଲିଯାଇଥିବା ଦେଖାଯାଇଥିଲା । ନବୀନ ଜାଣିଶୁଣି ନୀରବ ରହିଲେ ! ଭୁବନେଶ୍ୱର, ତା୩୦।୧୧ (ଭୁ.ପ୍ର.)- ଓଡ଼ିଶାରୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଉଠାଇ ନିଆଯିବା ଘଟଣାରେ ରାଜ୍ୟ ଓ କେନ୍ଦ୍ର ସରକାର ଭୁରୁଡ଼ି ମାରୁଥିବାବେଳେ ଏହି ପତ୍ରଟି ସମସ୍ତଙ୍କର ମୁଖା ଖୋଲିଦେବ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଅଧ୍ୟକ୍ଷ ଡଃ. ଅରୁଣ ନିଗବେକର ଏହି ପତ୍ରଟି ଲେଖିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପାଣ୍ଡବ ନାୟକଙ୍କ ନିକଟକୁ ଗତ ଜୁଲାଇ ୨୩, ୨୦୦୩ ମସିହାରେ । ପତ୍ର ସଂଖ୍ୟା ଏଫ୍୧-୭୪ (୨୦୦୩)ରେ ଅତି ସ୍ପଷ୍ଟ ଭାବରେ ୟୁଜିସି ଅଧ୍ୟକ୍ଷ ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିବା କଥା ଆନନ୍ଦର ସହ ଜଣାଇଛନ୍ତି; କିନ୍ତୁ ଏତେବଡ଼ ପ୍ରତିଷ୍ଠାନ ରାଜ୍ୟ ହାତରୁ ଚାଲିଯାଇଥିଲେ ମଧ୍ୟ ନବୀନ ସରକାରଙ୍କ ଆଶ୍ଚର୍ଯ୍ୟଜନକ ନୀରବତା ରାଜ୍ୟବାସୀଙ୍କୁ ଆଚମ୍ବିତ କରିଛି । ଚତୁର ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ଜାଣିଶୁଣି ନୀରବତା ଅବଲମ୍ବନ କଲେ କିମ୍ବା ଏହା ତାଙ୍କର ସ୍ୱଭାବସୁଲଭ ଉଦାସୀନତା ଏହା ରାଜ୍ୟବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।




About Us Contact Us Feedback Guest Book

The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)